# ଦୀପାବଳୀ

ଗଙ୍ଗା ଯା ଗୟା ଯା
ବାଇସି ପାହାଚେ ଗଡ଼ ଗଡ଼ଉ ଥା
ପୂରାକାଳୁ ପୃଥିବୀ ଭୂମିଷ୍ଠ
ଯେତେ ପିତା, ପିତାମହ ଗଣ
ଆତ୍ମଜ୍ଞାନ ବିଭୁଷିତ ସର୍ବେ
ପ୍ରଦର୍ଶାଅ ଲଭେ ଦିବ୍ୟଜ୍ଞାନ
କଳୁଷିତ କଳଙ୍କିତ ବର୍ଗେ
ଆଉ ଉଜ୍ଜ୍ୱଳ ଜ୍ୟୋତିଷ ମାର୍ଗେ
ଗଚ୍ଛନ୍ତୁ ସ୍ୱର ମନ୍ଦିରଂ
ଦୀପାବଳୀ ସବିତା ଜ୍ୱଳନ
ମାନବୀୟ ପାପଧାରା ବାହକ ଆତପ
ବିସ୍ମୃତି ଗରଭୁ ଆଣେ
ସମୟ ଅସମୟର ଉଦ୍‌ବେଳିତ କୋହ
ଆତ୍ମଜ୍ଞାନ ସମୀକ୍ଷଣେ ଜଗାଏ ଆମ୍ଭକେ

ମହନୀୟ ଦୀପଦାନ
ପିତୃ ପୁରୁଷର ନିଃଗମନେ ସୃଷ୍ଟ
ସଂସାର ସାଗରେ ଯେତେ
ପାପୀ, ତାପୀ, ଅସ୍ପୃଶ୍ୟ ମଣିଷ
ଲଭ ଆଜି ପବିତ୍ର ଚେତନା

ଦୀପାବଳୀ ତେଜପୁଞ୍ଜ
ଜ୍ଞାନ ଦୀପେନ ଭାସ୍ୱର
ଆମକୁ ନିଭୃତେ ଦିଏ
ନବ ନବ ଉନ୍ମେଷିତ ଜ୍ଞାନ
ନିଳୟନ ଲଭୁ ପାପ ଧାରା
ଅଜ୍ଞାନ ଲଭୁ ନିଃଶେଷ
ପୃଥିବୀ ହେଉ ଭାସ୍ୱର
ଜ୍ଞାନ ଦୀପାଳୀରେ

ମାନବୀୟ ସଦ୍‌ଗୁଣର
ହେଉ ଉଦ୍‌ଗମନ
ଦୀପାବଳୀ ଦୀପଚୟ ସମ
ସମାଧି ଲଭୁ ଅଳୀକ
ପାପ ପଙ୍କ କଳୁଷ କାଳିମା ❑ ❑ ❑

